# India seeks 50% reduction in Pakistan High Commission Strength

June 23, 2020

---

## ଭାରତ, ପାକିସ୍ତାନ ଉଚ୍ଚାୟୋଗ ରେ 50 ପ୍ରତିଶତ କର୍ମଚାରୀ କମ୍ କରିବା ପାଇଁ ଆଦେଶ ଦେଲେ

ଜୁନ୍ 23, 2020

ବିଦେଶ ମନ୍ତ୍ରଣାଳୟ ପାକିସ୍ତାନର ଉପ ଉଚ୍ଚାୟୁକ୍ତଙ୍କୁ ତଲବ କଲେ ଏବଂ କହିଲେ ଯେ ଭାରତ ବାରମ୍ବାର ଅନେକ ଉଚ୍ଚାୟୋଗର ଅଧିକାରୀମାନଙ୍କର ଗତିବିଧିକୁ ନେଇ ଚିନ୍ତା ପ୍ରକଟ କରିଛି। ଉପଉଚ୍ଚାୟୁକ୍ତକୁ କୁହାଗଲା ଯେ ପାକ୍ ଉଚ୍ଚାୟୋଗର ଅଧିକାରୀମାନେ ଗୁଇନ୍ଦାଗିରିରେ ଲିପ୍ତ ଅଛନ୍ତି, ଆତଙ୍କବାଦ ସଙ୍ଗଠନ ସହିତ ସମ୍ପର୍କ ରଖିଛନ୍ତି। 31 ମେ, 2020 ରେ ଧରା ଯାଇଥିବା ଓ ବହିଷ୍କାର କରାଯାଇଥିବା ଦୁଇ ଅଧିକାରୀଙ୍କ କାର୍ଯ୍ୟକଳାପ ଏହି ବିଷୟର ଏକ ଉଦାହରଣ ଅଟେ।

ଯେଉଁଠାରେ ପାକିସ୍ତାନର ଅଧିକାରୀମାନେ ଏପରି କାର୍ଯ୍ୟରେ ଲିପ୍ତ ଅଛନ୍ତି ଯାହା ଉଚ୍ଚାୟୋଗରେ ତାଙ୍କର ବିଶେଷାଧିକାର ପ୍ରାପ୍ତ ସ୍ଥିତିର ଅନୁରୂପ ନୁହେଁ, ସେଠାରେ ପାକିସ୍ତାନ ସମାନ୍ତରାଳ ଭାବରେ ଇସଲାମାବାଦରେ ଭାରତୀୟ ଉଚ୍ଚାୟୋଗର ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ସେମାନଙ୍କର ବୈଧ ରାଜନୈତିକ କାର୍ଯ୍ୟକୁ କରିବାରୁ ରୋକିବା ପାଇଁ କ୍ରମାଗତ ଭାବରେ ପ୍ରୟାସ କରିଆସୁଛି। ନିକଟ ଅତୀତରେ ପାକିସ୍ତାନରେ ଉଚ୍ଚାୟୋଗରେ କାମ କରୁଥିବା ଦୁଇ ଭାରତୀୟ କର୍ମଚାରୀଙ୍କୁ ବନ୍ଧୁକ ମୁନରେ ଅପହରଣ କରାଗଲା ଏବଂ ତାଙ୍କ ସହିତ ବହୁତ ଖରାପ ବ୍ୟବହାର ପ୍ରଦର୍ଶନ କରାଗଲା। ଏହା ଏହି ବିଷୟକୁ ରେଖାଙ୍କିତ କରୁଛି ଯେ ପାକିସ୍ତାନ କେଉଁ ସ୍ତର ପର୍ଯ୍ୟନ୍ତ ଖସି ଯାଇଛି। 22 ଜୁନ୍ 2020 ରେ ଭାରତ ଫେରି ଏହି କର୍ମଚାରୀମାନେ ପାକିସ୍ତାନ ଏଜେନ୍ସିଙ୍କ ସହିତ ହୋଇଥିବା ଏହି ବର୍ବର ବ୍ୟବହାରର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିଛନ୍ତି।

ପାକିସ୍ତାନ ଏବଂ ତାହାର ଅଧିକାରୀମାନଙ୍କର ବ୍ୟବହାର ଭିଏନା କନ୍‌ଭେନ୍ସନ ଏବଂ ରାଜନୈତିକ ଏବଂ କନସୁଲାର ଅଧିକାରୀମାନଙ୍କ ସହିତ ହେଉଥିବା ବ୍ୟବହାର ସମ୍ବନ୍ଧରେ ଦ୍ବିପାକ୍ଷୀୟ ରାଜିନାମା ଅନୁରୂପ ନୁହେଁ। ଏହାର ବିପରୀତରେ, ଏହା ସୀମାରେ ହିଂସା ଓ ଆତଙ୍କବାଦର ସମର୍ଥନ କରିବାର ଏକ ବଡ଼ ନୀତିର ଆଭ୍ୟନ୍ତରୀଣ ଉପାଦାନ ଅଟେ।

ଏଥିପାଇଁ, ଭାରତ ସରକାର ନୂଆ ଦିଲ୍ଲୀରେ ପାକିସ୍ତାନ ଉଚ୍ଚାୟୋଗରେ କର୍ମଚାରୀମାନଙ୍କର ସଂଖ୍ୟା 50 ପ୍ରତିଶତ ପର୍ଯ୍ୟନ୍ତ କମ୍ କରିବାର ନିଷ୍ପତ୍ତି ନେଇଛନ୍ତି। ଭାରତ ମଧ ପାରସ୍ପରିକ ଭାବରେ ଏହି ଅନୁପାତରେ ଇସଲାମାବାଦରେ ନିଜର ସଂଖ୍ୟା କମ୍ କରିବ। ଏହି ନିଷ୍ପତ୍ତିକୁ ଆଗାମୀ ସାତ ଦିନ ମଧରେ ଲାଗୁ କରି ଦିଆଯିବ। ପାକିସ୍ତାନର ଉପଉଚ୍ଚାୟୁକ୍ତଙ୍କୁ ଏହି ସୂଚନା ପ୍ରଦାନ କରାଯାଇଛି।

ନୂଆ ଦିଲ୍ଲୀ
ଜୁନ୍ 23, 2020

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.